ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୩୦ ଜୁନ୍, ୨୦୨୧

## ଅପହୃତା ନାବାଳିକା ଉଦ୍ଧାର, ଅଭିଯୁକ୍ତ ଗିରଫ

**ଧର୍ମଶାଳା,(ଡି.ଏନ.ଏ.):** ଧର୍ମଶାଳା ଥାନା ପୋଲିସ ଜଣେ ଅପହୃତା ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅପହରଣକାରୀ ଯୁବକଙ୍କୁ ମଙ୍ଗଳବାର ଗିରଫ କରିଛି। ସେ ହେଲେ ହରିଦାସପୁର ପଞ୍ଚାୟତ କଣ୍ଟିଆ ଗ୍ରାମର ପ୍ରକାଶ ଦେଉରୀ। ଏକ ମାସ ତଳେ ପ୍ରକାଶ ସ୍ଥାନୀୟ ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରିଥିଲେ। ଏ ନେଇ ନାବାଳିକାଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୩୩୫/୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ବୁଧବାର ଉଭୟଙ୍କ ଡାକ୍ତରୀମାଇନା କରାଯାଇ ଅଭିଯୁକ୍ତ ପ୍ରକାଶଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଥାନା ଅଧିକାରୀ ସରୋଜ କୁମାର ସାହୁ ସୂଚନା ଦେଇଛନ୍ତି।



## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ବାଇକ୍ ଚାଳକ ମୃତ

**ତିର୍ତ୍ତୋଲ,୨୯।୬(ଡି.ଏନ୍.ଏ.):** ତିର୍ତ୍ତୋଲ ଥାନା ଅଧୀନ କଟକ-ପାରାଦୀପ ରାସ୍ତାର କୋଟକଣା ଛକ ନିକଟରେ ମଙ୍ଗଳବାର ଟ୍ରକ୍ ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏରସମା ବ୍ଲକ ଢିଙ୍କିଆ ଗ୍ରାମର ମାଗୁଚରଣ ସାମଲ। ସେ କୌଣସି କାମରେ ବାଇକ୍‌ରେ ଭୁବନେଶ୍ୱର ଯାଇଥିଲେ। ଫେରୁଥିବାବେଳେ କୋଟକଣା ଛକରେ କଟକ ଅଭିମୁଖେ ଯାଉଥିବା ଏକ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସାମଲ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ସାମଲଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି।

### ଦୁର୍ଘଟଣାରେ ସମିତିସଭ୍ୟଙ୍କ ମୃତ୍ୟୁ

**ଡେରାବିଶ,୨୯।୬(ସ୍ୱ.ପ୍ର.):** ଡେରାବିଶ ଥାନା କଟକ-ଚାନ୍ଦବାଲି ରାସ୍ତାର ଖମୋଳ ଛକ ନିକଟରେ ଶୁକ୍ରବାର ସନ୍ଧ୍ୟାରେ ଦୁର୍ଘଟଣାରେ ଗୁରୁତର ହୋଇ ଚିକିତ୍ସିତ ହେଉଥିବା ମଙ୍ଗଳପୁର ସମିତିସଭ୍ୟ ମୁକୁନ୍ଦ ନାୟକ (୫୫)ଙ୍କର ମଙ୍ଗଳବାର ମୃତ୍ୟୁ ହୋଇଛି। ମୁକୁନ୍ଦ ନିଜ ପୁତୁରାଙ୍କ ବିବାହ ଉତ୍ସବ ପାଇଁ ଚାନ୍ଦୋଳ ଅଞ୍ଚଳରେ ନିମନ୍ତ୍ରଣପତ୍ର ଦେଇ ବାଇକ୍ ଯୋଗେ ନିଜ ପୁଅଙ୍କ ସହ ଫେରୁଥିବା ବେଳେ ତାଙ୍କୁ ଏକ ଅଜଣା ଗାଡ଼ି ଧକ୍କା ଦେଇଥିଲା। ତେବେ ବାଇକ୍‌ରେ ପଛରେ ବସିଥିବା ପୁଅ ରାସ୍ତା କଡ଼କୁ ଛିଟିକି ପଡ଼ି ବର୍ତ୍ତି ଯାଇଥିଲେ। ହେଲେ ମୁକୁନ୍ଦ ରାସ୍ତା ଉପରେ ବାଇକ୍ ସହ ପଡ଼ି ଯାଇଥିଲେ। ଦୁର୍ଘଟଣାରେ ମୁକୁନ୍ଦଙ୍କ ମଣ୍ଡରେ ଆଘାତ ଲାଗିଥିବାରୁ ତାଙ୍କୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟକୁ ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସକାଳେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଗାଁ ଶ୍ମଶାନରେ ତାଙ୍କର ସଂସ୍କାର କରାଯାଇଛି।

### ଅବକାରୀ ବାବୁଙ୍କ ମଦପିଆ ଫଟୋ ଭାଇରାଲ

**କେନ୍ଦ୍ରାପଡ଼ା ଅଫିସ,୨୯।୬:** କେନ୍ଦ୍ରାପଡ଼ା ଜିଲା ଅବକାରୀ କାର୍ଯ୍ୟାଳୟରେ କାର୍ଯ୍ୟରତ ସବ୍‌ଇନ୍ସପେକ୍ଟର ସରୋଜ ବାଗଙ୍କ ମଦ ପିଆ ଫଟୋ ସାମାଜିକ ଗଣମାଧ୍ୟମରେ ମଙ୍ଗଳବାର ଭାଇରାଲ ହୋଇଛି। ଏ ନେଇ ସରୋଜଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ବିଜେଡି ନେତା ତେଜେଶ୍ୱର ପରିଡାଙ୍କ ସମେତ ବହୁ ସାମାଜିକ କର୍ମୀ ଟୁଇଟ ମାଧ୍ୟମରେ ମୁଖ୍ୟମନ୍ତ୍ରୀ, କେନ୍ଦ୍ରାପଡ଼ା ଜିଲାପାଳ, ୫-ଟି ସଚିବ, ବିଭାଗୀୟ ପଦାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ତେବେ ଏ ସମ୍ପର୍କରେ ସବ୍‌ଇନ୍ସପେକ୍ଟର ସରୋଜ କୁହନ୍ତି, ଗତ ୧୭ ତାରିଖରେ ଜିଲାର ବିଭିନ୍ନ ସ୍ଥାନରେ ଚଢ଼ାଉରେ ସାମିଲ ଥିଲେ। କାର୍ଯ୍ୟାଳୟକୁ ଫେରି ଆସି କୋଲଡ ଡ୍ରିଙ୍କସ ଆଣି ପିଉଥିଲେ। ବହୁ ଲୋକ ଜମା ହୋଇଥିବାରୁ କେହି ଏହାକୁ ମଦ ଭାବି ଫଟୋ ଉଠାଇ ଭାଇରାଲ କରୁଛନ୍ତି। କିଛି ମାସ ପୂର୍ବେ ହାର୍ଟ ଅପରେଶନ ହୋଇଛି। ସେ କେବେ ମଦ ପିଅନ୍ତି ନାହିଁ ବୋଲି ମତ ରଖିଛନ୍ତି।

### କୋଭିଡ୍ ନିୟମ ଉଲ୍ଲଂଘନ: ଢାବା ସିଲ୍

**ଜଗତ୍‌ସିଂହପୁର ଅଫିସ,୨୯।୬:** କୋଭିଡ୍ ନିୟମ ଉଲ୍ଲଂଘନ ଅଭିଯୋଗରେ ଜଗତ୍‌ସିଂହପୁର ଥାନା ଇଟାପଡ଼ାସ୍ଥିତ ଅମୃତ ଟେଷ୍ଟି ଢାବାକୁ ସିଲ୍ କରି ଦିଆଯାଇଛି। ସୋମବାର ରାତିରେ ପୋଲିସ ପାଟ୍ରୋଲିଂ ବେଳେ ଉକ୍ତ ଢାବାରେ ନିୟମ ଉଲ୍ଲଂଘନ ହେଉଥିବା ଦେଖି ସେଠାରେ ଚଢ଼ାଉ କରିଥିଲା। ଏନେଇ ଢାବାକୁ ସିଲ୍ କରାଯିବା ସହ ମାଲିକ ପ୍ରଫୁଲ କୁମାର ବାରିକଙ୍କଠାରୁ ୨,୦୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି।

### ଯୁବକଙ୍କ ମୃତ୍ୟୁ ରହସ୍ୟ ଉନ୍ମୋଚନ ଦାବିରେ ଥାନା ଘେରାଉ

**ବିଞ୍ଝାରପୁର,୨୯।୬(ଡି.ଏନ.ଏ.):** ବିଞ୍ଝାରପୁର ଥାନା ଅଙ୍ଗାଳୋ ପଞ୍ଚାୟତ ବୋଇତାଲୁ ପାଟଣା ଗ୍ରାମର ଯୁବକ ଆଶିଷ ଯେନା (୨୫)ଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାର ଉପଯୁକ୍ତ ତଦନ୍ତ ଦାବିକରି ମଙ୍ଗଳବାର ଗ୍ରାମବାସୀ ଥାନା ଘେରାଉ କରିଛନ୍ତି। ଆଶିଷଙ୍କ ମୃତ୍ୟୁର ରହସ୍ୟ ଉନ୍ମୋଚନ ଓ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିକରି ଗ୍ରାମର ଅଚ୍ୟୁତାନନ୍ଦ ସାମଲ, ରଞ୍ଜନ ଜେନା, ସ୍ୱାଧୀନ ବେହେରା, ସନ୍ତୋଷ ଜେନା ପ୍ରମୁଖ ଥାନା ଘେରାଉ କରିଥିଲେ। ଆଇଆଇସି ଅମରେନ୍ଦ୍ର ଦାଶ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିବାସହ ଘଟଣାର ତଦନ୍ତ ଚାଲିଛି, ପ୍ରକୃତ ରହସ୍ୟ ଖୁବଶୀଘ୍ର ଉନ୍ମୋଚନ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଗ୍ରାମବାସୀ ଆନ୍ଦୋଳନରୁ ଓହରିଯାଇଥିଲେ। ସୂଚନାଯୋଗ୍ୟ, ଘରଠାରୁ ଶହେ ମିଟର ଦୂର ଏକ ବରଗଛରେ ଆଶିଷଙ୍କ ମୃତଦେହ ଝୁଲୁଥିବା ଗତ ମାସ ୨୫ ତାରିଖରେ ଦେଖିବାକୁ ମିଳିଥିଲା। ତେବେ ଆଶିଷଙ୍କୁ କେହି ହତ୍ୟା କରିଥିବା ସନ୍ଦେହକରି ଗ୍ରାମବାସୀ ଓ ସାଙ୍ଗସାଥୀ ମୃତ୍ୟୁର ତଦନ୍ତ କରିବାକୁ ଥାନାରେ ଅଭିଯୋଗ କରିଥିଲେ।

# ଆରମ୍ଭରୁ ଧୋକାଦେଲା ମୌସୁମୀ

- ଖଣି, ଶିଳ୍ପାଞ୍ଚଳରେ ଅସ୍ୱାଭାବିକ ବର୍ଷା
- ଗଜା ମରୁଡ଼ି ପରିସ୍ଥିତି, ଚିନ୍ତାରେ ଚାଷୀକୁଳ

**ଯାଜପୁର ଅଫିସ,୨୯।୬**

ଯାଜପୁର ଜିଲାରେ ଜୁନରେ ୨୩୮.୫ ମିମି ବର୍ଷାର ଆବଶ୍ୟକ ଥିବା କୃଷି ବିଭାଗ କହିଥିଲା। ତେବେ ଜୁନ ୨୯ ତାରିଖ ସୁଦ୍ଧା ନିର୍ଦ୍ଧାରିତ ପରିମାଣଠାରୁ ୧୮ ପ୍ରତିଶତ କମ୍ ଅର୍ଥାତ୍ ୧୯୫.୬୪ ମିମି ବର୍ଷା ହୋଇଛି। ଯାହାକି ମୌସୁମୀ ଆରମ୍ଭରୁ ଧୋକା ଦେଇଛି ବୋଲି ଚାଷୀମାନେ କହିଛନ୍ତି। ଶିଳ୍ପାଞ୍ଚଳର ମୁଖଶାଳା ଭାବେ ପରିଚିତ କୋରେଇ ବ୍ଲକରେ ମାତ୍ର ୯୯ ମିମି, ଦାନଗଦିରେ ୧୬୯.୭୦ ମିମି ଓ ସୁକିନ୍ଦାରେ ୧୯୫.୨୦ ମିମି ବର୍ଷା ହୋଇଛି। ଶିଳ୍ପ ପ୍ରଦୂଷଣ ସମସ୍ୟା ଏହାର ମୁଖ୍ୟ କାରଣ ବୋଲି ମତପ୍ରକାଶ ପାଇଛି। ଏପରି ଭାବେ ମାନବକୃତ ଜଳବାୟୁ ପରିବର୍ତ୍ତନ ଯୋଗୁ ଆବଶ୍ୟକଠାରୁ କମ ବର୍ଷା ହେଉଥିବାରୁ ଚାଷୀକୂଳ ଚିନ୍ତାରେ ପଡ଼ିଛି।

ପାଣିପାଗ ବିଭାଗର ପୂର୍ବାନୁମାନକୁ ନେଇ ଆକଳନ କରାଗଲା ଯେ, ଏଥର ସ୍ୱାଭାବିକ ବର୍ଷା ହେବ। ଫଳରେ ଶସ୍ୟ ଉତ୍ପାଦନ ବଢ଼ିବ। କୃଷି କ୍ଷେତ୍ରର ସଫଳତା ଶିଳ୍ପ, ସେବା ଏବଂ ଅନ୍ୟାନ୍ୟ କ୍ଷେତ୍ରର ଅଭିବୃଦ୍ଧିକୁ ଇନ୍ଧନ ଯୋଗାଇବ। ଏହାଦ୍ୱାରା କରୋନା ମହାମାରୀ ଯୋଗୁ ଦେଶର ଅର୍ଥନୀତିରେ ଦେଖାଦେଇଥିବା ଅସ୍ଥିରତା ଦୂର ହେବ। କିନ୍ତୁ ଜୁନ୍‌ରେ ଜିଲାରେ ବର୍ଷାର ଅନିୟମିତତା ଚାଷୀଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି। ମେ ମାସ ଶେଷ ବେଳକୁ ୟାସ୍ ବାତ୍ୟା ଓ ଲଘୁଚାପ ଜନିତ ଲଗାଣ ବର୍ଷାରେ ଜିଲାର ପ୍ରାୟ ୮୦୦ ହେକ୍ଟର ଚାଷ ଜମି ପଟୁ ଓ ବାଲିରେ ପୋତି ହୋଇଯାଇଥିଲା। ଏଥିଯୋଗୁ ଜମିର ଉର୍ବରତା ନଷ୍ଟ ହୋଇଥିଲା। ଏଭଳି ସ୍ଥିତିରେ ଜୁନରେ ଚାଷ କରିବାକୁ ଚାଷୀ ଜମିରୁ ବାଲି, ମାଟି ଆଦି ବାହାର କରି ଅଣ୍ଟା ଭିଡିଥିଲେ। କିନ୍ତୁ କମ୍ ବୃଷ୍ଟିପାତ, ପ୍ରଚଣ୍ଡ ଖରା ଯୋଗୁ ଏବେ ଗଜା ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଛି।

ଜିଲାର ୧,୪୩,୬୪୫ ହେକ୍ଟର ଚାଷ ଜମି ମଧ୍ୟରୁ ଚଳିତ ଖରିଫ ଋତୁରେ ପ୍ରାୟ ୧ଲକ୍ଷ ୧୧ହଜାର ହେକ୍ଟରରେ ଧାନ ଚାଷ କରିବାକୁ ଧାର୍ଯ୍ୟ କରାଯାଇଛି। ମୌସୁମୀ ଆସିବା ପରେ ଚାଷୀମାନେ ଚାଷ କାମ ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। କିନ୍ତୁ ଜୁନ୍‌ରେ ସ୍ୱାଭାବିକ ବର୍ଷ ନ ହେବା ଚାଷ କାମରେ ଅନ୍ତରାୟ ସୃଷ୍ଟି କରିଛି। ଅଣଜଳସେଚିତ ଅଞ୍ଚଳରେ ତଳି ପକାଇବାକୁ ଚାଷୀମାନେ ଅନୁକୂଳ ପାଗ ଏଯାବତ ପାଇ ପାରିନାହାନ୍ତି। ଜୁନ ଦ୍ୱିତୀୟ ସପ୍ତାହର ବର୍ଷାକୁ ଦେଖି ଚାଷୀ ବୁଣାବୁଣି ଆରମ୍ଭ କରିଥିଲେ। ପରେ ଟାଣ ଖରା ଯୋଗୁ ଅଧିକାଂଶ ଜମିରେ ଗଜା ନଷ୍ଟ ହୋଇଯାଇଥିବା ଦେଖିବାକୁ ମିଳିଛି।

ଏଣେ କଳିଙ୍ଗନଗର ଶିଳ୍ପାଞ୍ଚଳରେ ଥିବା ବୃହତ୍ ଶିଳ୍ପ କାରଖାନାଗୁଡ଼ିକର ଜଳ ଓ ବାୟୁ ପ୍ରଦୂଷଣ ରୋକିବାକୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି)ର କୌଣସି କର୍ତ୍ତୃତ୍ୱ ରହୁନାହିଁ। ଫଳରେ ବିଷାକ୍ତ ଧୂଆଁ ପରିବେଶକୁ ଅସନ୍ତୁଳିତ କରି ପକାଉଛି। ଖଣି ଅଞ୍ଚଳରେ ଅବାଧ ବୃକ୍ଷ ଛେଦନ ଜଳବାୟୁ ପରିବର୍ତ୍ତନରେ ଅନ୍ୟ କାରଣ ହୋଇଛି। ଫଳରେ ବୃଷ୍ଟିପାତରେ ଘୋର ଅନିୟମିତତା ଦେଖାଦେଇଛି ବୋଲି ପରିବେଶବିତ୍‌ମାନେ କହିଛନ୍ତି। ଏହି କାରଣରୁ ଜିଲାର ଯାଜପୁର ବ୍ଲକରେ ୧୫୩ ମିମି, ବିଞ୍ଝାରପୁରରେ ୧୬୬.୫୦ ମିମି, ଦଶରଥପୁରରେ ୨୩୧ ମିମି, ରସୁଲପୁରରେ ୧୬୯.୬୮ ମିମି, ଧର୍ମଶାଳାରେ ୨୬୮ ମିମି, ବଡଚଣାରେ ୨୮୬ ମିମି ଓ ବରୀ ବ୍ଲକରେ ୨୧୭ ମିମି ବର୍ଷା ରେକର୍ଡ କରାଯାଇଛି। ଏଥିରୁ ଖଣି ଓ ଶିଳ୍ପାଞ୍ଚଳ ତଥା ଏହାର ପଡୋଶୀ ବ୍ଲକ ଅଞ୍ଚଳରେ ସ୍ୱାଭାବିକ ବର୍ଷା ହୋଇ ନ ଥିବା ସ୍ପଷ୍ଟ ହେଉଛି।

ସାଧାରଣତଃ ଜୁନ, ଜୁଲାଇ ଓ ଅଗଷ୍ଟ ମାସର ବର୍ଷା ଉପରେ ଧାନ ଚାଷ ନିର୍ଭର କରିଥାଏ। କିନ୍ତୁ ଏହି ଆକଳନ ଅନୁସାରେ ଚଳିତ ବର୍ଷ ଆରମ୍ଭରୁ ବର୍ଷାର ଅନୁପାତ ଠିକ୍ ରହୁନାହିଁ। ଅନ୍ୟପକ୍ଷେ ଜିଲାରେ ନଦୀନାଳ ଭର୍ତ୍ତି ହୋଇଥିଲେ ହେଁ ସେହି ଅନୁପାତରେ ଜଳସେଚନ ବ୍ୟବସ୍ଥା ନାହିଁ। ରେଙ୍ଗାଲି ଜଳସେଚନ ପ୍ରକଳ୍ପର ବାମ କେନାଲ କାମ ନିର୍ଦ୍ଧାରିତ ସମୟରେ ସମ୍ପୂର୍ଣ୍ଣ ହୋଇପାରିନାହିଁ। ଫଳରେ ବିପଦ ବେଳେ କେନାଲ, କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ବୋରୱେଲ, ଡଗୱେଲ ଆଦି କାମରେ ଲାଗୁନାହିଁ।

## ଭତ୍ତା ଟଙ୍କା ହଡ଼ପର ତଦନ୍ତ ଆରମ୍ଭ



ତଦନ୍ତ କରିବାକୁ ଆସିଥିବା ଅଧିକାରୀ ଓ ଅନ୍ୟମାନେ।

**ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର, ୨୯।୬(ଡି.ଏନ.ଏ./ସ୍ୱ.ପ୍ର.)**

ବଡ଼ଚଣା ବ୍ଲକ ଅଧୀନ ଗୋପାଳପୁର ପଞ୍ଚାୟତରେ ଭତ୍ତା ଟଙ୍କା ହଡ଼ପ ହେଉଥିବା ନେଇ ଅଭିଯୋଗ ହେବାପରେ ତଦନ୍ତ ଆରମ୍ଭ ହୋଇଛି। ଜିଲପାଳଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର ଜିଲା ସାମାଜିକ ସୁରକ୍ଷା ଅଧିକାରୀ (ଡିଏସ୍‌ଏସ୍‌ଓ)ରବୀନ୍ଦ୍ର କୁମାର ବେହେରା ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ତଦନ୍ତ କରିଛନ୍ତି। ତେବେ ତଦନ୍ତ ବାଟବଣା କରିବାକୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ପଞ୍ଚାୟତ କାର୍ଯ୍ୟାଳୟରେ ଡିଏସ୍‌ଏସ୍‌ଓ ତିନି ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ରହି ବିଭିନ୍ନ କାଗଜପତ୍ର ଯାଞ୍ଚ କରିଥିଲେ। କିନ୍ତୁ ତଦନ୍ତ ସମ୍ପର୍କରେ ସେ ଗଣମାଧ୍ୟମକୁ କୌଣସି ସୂଚନା ଦେଇନାହାନ୍ତି। ତଦନ୍ତପରେ ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ପଞ୍ଚାୟତରେ ମୃତବ୍ୟକ୍ତି, ଅନେକ ଭେଣ୍ଡିଆ ଓ ସଧବା ମହିଳାଙ୍କୁ ବିଧବା ଦର୍ଶାଯାଇ ଭତ୍ତା ଟଙ୍କା ହଡ଼ପ କରାଯାଉଥିବା ନେଇ ଜିଲାପାଳଙ୍କ ନିକଟରେ ୨୩ ତାରିଖରେ ବଡ଼ଚଣା ଭାଜପା ପକ୍ଷରୁ ଅଭିଯୋଗ ହୋଇଥିଲା।

## ବ୍ଲକ ସମ୍ମୁଖରେ ଗଣଧାରଣା

**ରାଜନଗର,୨୯।୬(ଡି.ଏନ.ଏ.)**

ରାଜନଗର ବ୍ଲକର ଓସ୍ତିଆ ପଞ୍ଚାୟତକୁ ବାତ୍ୟା ଓ ବନ୍ୟା ପରେ ରାସ୍ତାଘାଟ ମରାମତି ପାଇଁ ଆର୍ଥିକ ଅନୁଦାନ ଆସିଛି। ୫ ମାସରୁ ଊର୍ଦ୍ଧ୍ୱ ହେବ ଅନୁଦାନ ଆସିଥିଲେ ମଧ୍ୟ କାମ ଆରମ୍ଭ ହୋଇପାରୁନି। ୭୦ ଭାଗ କାମ ଆରମ୍ଭ ହୋଇ ନ ଥିବାବେଳେ ୩୦ ଭାଗ କାମ ଅଧାପନ୍ତରିଆ ହୋଇ ରହିଛି। ଯେଉଁ କାମଗୁଡ଼ିକ ଚାଲିଛି, ତାହା ନିମ୍ନମାନର ବୋଲି ଓସ୍ତିଆ ସମିତିସଭ୍ୟ ପାରେଶ୍ୱର ନାୟକଙ୍କ ନେତୃତ୍ୱରେ ପଞ୍ଚାୟତର ଲୋକମାନେ ମଙ୍ଗଳବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣାରେ ବସିଥିଲେ। ଏହାକୁ ସମର୍ଥନ କରି ବ୍ଲକ କଂଗ୍ରେସ ସଭାପତି ଦେବେନ୍ଦ୍ର କୁମାର ଜେନା, ଅଶୋକ କୁମାର ବଳ, ସନ୍ତୋଷ କୁମାର ମହାନ୍ତି, ଶୁକଦେବ ଭଦ୍ର ପ୍ରମୁଖ ଧାରଣାରେ ବସିଥିଲେ। କେନ୍ଦ୍ରାପଡ଼ା ଜିଲାପାଳ ଅମୃତ ଋତୁରାଜ ଓ ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ ଧାରଣାକାରୀଙ୍କ ସହ ଆଲୋଚନା କରି ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି।

# ୨ କି.ମି. ଭାରରେ ବାପାଙ୍କୁ ବୋହିଲେ ଦୁଇପୁଅ

### ପାଣିଖିଆ ଗାଁକୁ ରାସ୍ତା ନାହିଁ, ଆସି ପାରିଲାନି ଆମ୍ବୁଲାନ୍ସ

**ମହାକାଳପଡ଼ା,୨୯।୬ (ଡି.ଏନ୍.ଏ.)**

କେନ୍ଦ୍ରାପଡା ଜିଲା ମହାକାଳପଡା ବ୍ଲକ ଅଧୀନ ନାଞ୍ଜୁରା ପଞ୍ଚାୟତର ପାଣିଖିଆ ଗାଁ ଅବସ୍ଥିତ। ସ୍ୱାଧୀନତାର ଦୀର୍ଘବର୍ଷ ପରେ ମଧ୍ୟ ଜନଜାତି ସାନ୍ତାଳୀ ବସବାସ କରୁଥିବା ଏହି ଗାଁକୁ ଭଲ ରାସ୍ତାଟିଏ ନାହିଁ। ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ଘର ପାଖଯାଏ ଆସି ପାରୁନାହିଁ। ସାନ୍ତାଳୀ ସମ୍ପ୍ରଦାୟର କେହି ରୋଗୀ ଗୁରୁତର ହେଲେ ଭାରରେ ୨ କି.ମି. ମୁଖ୍ୟ ରାସ୍ତାକୁ ନେବା ପରେ ଆମ୍ବୁଲାନ୍ସ ଯୋଗେ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଉଛି। ଗାଁର ଗଜେନ୍ଦ୍ର ମାରାଣ୍ଡି (୬୦) ୩ରୁ ୪ ଦିନ ହେଲା ଗୁରୁତର ଅସୁସ୍ଥ ହୋଇ ପଡିଥିଲେ।



ଦୁଇଭାଇ ଗୁରୁତର ବାପାଙ୍କୁ ଭାରରେ ଆମ୍ବୁଲାନ୍ସ ନିକଟକୁ ନେଇ ଯାଉଛନ୍ତି।

ମଙ୍ଗଳବାର ପୂର୍ବାହ୍ନରେ ଅସୁସ୍ଥ ରୋଗୀ ଗଜେନ୍ଦ୍ରଙ୍କୁ ତାଙ୍କ ଦୁଇ ପୁଅ ନନ୍ଦୁ ଓ ଦୁର୍ଗା ବାଉଁଶ ଦୋଳାରେ ଭାର କରି କାନ୍ଧେଇ ନେବା ପରେ ମୁଖ୍ୟ ରାସ୍ତାରେ ଆମ୍ବୁଲାନ୍ସ ଯୋଗେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର ହୋଇଥିଲା। ପାଣିଖିଆ ଗାଁର ଚିତ୍ର ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଜନଜାତିଙ୍କ ବିକାଶ ପାଇଁ ବିଭିନ୍ନ ଯୋଜନା କିଭଳି କାର୍ଯ୍ୟକାରୀ ହେଉଛି ଏଥିରୁ ସ୍ପଷ୍ଟ ଅନୁମେୟ। ସରକାରଙ୍କ ଜନକଲ୍ୟାଣ ଯୋଜନା ଏମାନଙ୍କ ପାଇଁ ଅପହଞ୍ଚ ପାଲଟିଛି। ଏହି ଗାଁରେ ୫୦ ପରିବାର ବସବାସ କରୁଥିବା ଜନସଂଖ୍ୟା ୪ ଶହରୁ ଅଧିକ। ଏଭଳି ଅନେକ ଗୁରୁତର ରୋଗୀ ଆଗାମୀ ଦିନରେ ଯେପରି ଦୁର୍ଦ୍ଦଶା ନ ଭୋଗନ୍ତି ପ୍ରଶାସନ ପକ୍ଷରୁ ଉକ୍ତ ଗାଁକୁ ସବୁଦିନିଆ ରାସ୍ତା ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଗାଁକୁ ଲାଗି ରହିଛି ବିସ୍ତୀର୍ଣ୍ଣ ଲୁଣା ଜଙ୍ଗଲ, ଜଙ୍ଗଲ ଜନ୍ତୁ ଭୟରେ ଦିନ ବିତାଉଛନ୍ତି ସାନ୍ତାଳିମାନେ। ବିଭିନ୍ନ ସମୟରେ ସମୁଦ୍ର ଜୁଆରରେ ଲୁଣା ଜଳ ପ୍ରବେଶ କରୁଛି। ଫଳରେ ଏହି ଗ୍ରାମବାସୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି।

## ୫ ଲକ୍ଷ ଟଙ୍କାର ସାମଗ୍ରୀ ପୋଡ଼ିଗଲା

**ଦଶରଥପୁର,୨୯।୬(ଡି.ଏନ.ଏ.)**

ଦଶରଥପୁର ବ୍ଲକ ନିଜାମପୁର ପଞ୍ଚାୟତ ପାରିପଦା ଛକରେ ଥିବା ଏକ ତେଜରାତି ଦୋକାନକୁ ସୋମବାର ରାତିରେ କେହି ଦୁର୍ବୃତ୍ତ ଜାଳି ଦେଇଛନ୍ତି। ଫଳରେ ଦୋକାନରେ ଥିବା ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ, ନଗଦ ୨୫ ହଜାର ଟଙ୍କା ଏବଂ ବିଭିନ୍ନ ଆବଶ୍ୟକ କାଗଜପତ୍ର ପୋଡ଼ି ପାଉଁଶ ହୋଇ ଯାଇଥିବା ମଙ୍ଗଳପୁର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ, ସୋମବାର ପାରିପଦା ଗ୍ରାମର ପ୍ରଶାନ୍ତ ସାହୁ ତାଙ୍କ ତେଜରାତି ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ତେବେ ରାତି ପ୍ରାୟ ୩ଟା ସମୟରେ ଦୋକାନ ଘରୁ ଧୂଆଁ ବାହାରୁଥିବା ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇଥିଲେ। ଏହାପରେ ସେ ଦଶରଥପୁର ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ମାତ୍ର ନିଆଁର ପ୍ରକୋପ ଏତେ ଭୟଙ୍କର ଥିଲା ଯେ କୌଣସି ଜିନିଷ ବାହାର କରିବା ସମ୍ଭବ ହୋଇ ନ ଥିଲା। ସ୍ଥାନୀୟ ଜଣେ ବ୍ୟକ୍ତି ଏଭଳି କାଣ୍ଡ ଘଟରାଇଥିବା ପୋଲିସ ସନ୍ଦେହ କରୁଛି।

## ଦ୍ୱିତୀୟ ଦିନରେ ସମିତିସଭ୍ୟଙ୍କ ଅନଶନ

### ଏମ୍‌ଜିଏନ୍‌ଆର୍‌ଜିଏସ୍‌ରେ ଦୁର୍ନୀତି ଅଭିଯୋଗ

**ସିଂହପୁର/ବିଞ୍ଝାରପୁର, ୨୯।୬(ଡି.ଏନ.ଏ.)**

ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ହୋଇଥିବା ଅନିୟମିତତା ପ୍ରତିବାଦରେ ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ ଜରି ପଞ୍ଚାୟତ ସମିତି ସଭ୍ୟ ଭୁବନାନନ୍ଦ ସାମଲଙ୍କ ଅନଶନ ମଙ୍ଗଳବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଏହି ମହାଦୁର୍ନୀତିର ଭିଜିଲାନ୍ସ ତଦନ୍ତ, ଦୋଷୀ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଓ ଭୋକ ଉପାସରେ ଥିବା ଶ୍ରମିକଙ୍କୁ ୨ ମାସ କାମ ଯୋଗାଇଦେବା ଦାବିରେ ସେ ଅନଶନରେ ବସିଛନ୍ତି। ମଙ୍ଗଳବାର ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ଜିଲା ସଂଯୋଜକ, ବ୍ଲକ ସଂଯୋଜକ ଓ ସହକାରୀ ଯନ୍ତ୍ରୀ ପ୍ରମୁଖ ଆସି ଭୁବନାନନ୍ଦଙ୍କ ସହିତ ୩୦ ମିନିଟ ଧରି ଆଲୋଚନା କରିଥିଲେ। ଶ୍ରମିକଙ୍କୁ ତୁରନ୍ତ କାମ ଯୋଗାଇ ଦିଆଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ଲିଖିତ ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଦୁର୍ନୀତିର ଭିଜିଲାନ୍ସ ତଦନ୍ତ ଓ ଦୋଷୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଉପରେ କୌଣସି ଲିଖିତ ପ୍ରତିଶ୍ରୁତି ମିଳି ନ ଥିବାରୁ ଭୁବନାନନ୍ଦ ଅନଶନ ଜାରି ରହିବ ବୋଲି କହିଛନ୍ତି। ଫଳରେ ଜିଲା ପ୍ରଶାସନ ସହିତ ତାଙ୍କ ଆଲୋଚନା ବିଫଳ ହୋଇଛି। ଏହି ଅନଶନରେ ଦୁର୍ଯ୍ୟୋଧନ ବେହେରା, ପ୍ରଫୁଲ୍ଲ ନାୟକ, ଯୁଧିଷ୍ଠିର ବେହେରା ପ୍ରମୁଖ ସାମିଲ ହୋଇଛନ୍ତି।

## ବୃଦ୍ଧଙ୍କ ମୃତ୍ୟୁ ପରେ ହତ୍ୟା ସନ୍ଦେହ

### ତଦନ୍ତ ଦାବିରେ ପୋଲିସ ଗାଡ଼ି ୫ ଘଣ୍ଟା ଅଟକ

**କୁଜଙ୍ଗ,୨୯।୬(ଡି.ଏନ୍.ଏ.):** କୁଜଙ୍ଗ ଥାନା ଗଣ୍ଡକୀପୁର ପଞ୍ଚାୟତ କାବଲପୁର ଗାଁରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ତେବେ ତାଙ୍କୁ ହତ୍ୟା କରାଯାଇଛି ବୋଲି ନାତି ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ବାପାଙ୍କ ମୃତ୍ୟୁପରେ ବଡ଼ବାପା ଜେଜେଙ୍କୁ ନେଇ ଅଲଗା ରହୁଥିଲେ। ମଙ୍ଗଳବାର ଜେଜେଙ୍କ ମୃତ୍ୟୁ ଘଟିଛି। ମାତ୍ର ଏ ସମ୍ପର୍କରେ କାହାକୁ ନ ଜଣାଇ ବଡ଼ବାପା ମୃତଦେହ ସତ୍କାର କରିବାକୁ ମସୁଧା ଚଳାଇ ଥିଲେ। କୌଣସି ସୂତ୍ରରୁ ଖବରପାଇ ନାତି ଓ ନାତିଙ୍କ ମା' ସେଠାରେ ପହଞ୍ଚି ଜେଜେଙ୍କ ମୃତ୍ୟୁର କାରଣ ପଚାରିବାରୁ ବଡବାପା ସ୍ପଷ୍ଟ ଉତ୍ତର ଦେଇ ପାରି ନ ଥିଲେ। ଏ ନେଇ ଜେଜେଙ୍କୁ ହତ୍ୟା କରାଯାଇଛି ବୋଲି ସନ୍ଦେହ କରି ନାତି ଥାନାରେ ଅଭିଯୋଗ କରିବା ସହ ଗ୍ରାମବାସୀଙ୍କୁ ଜଣାଇଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ବୃଦ୍ଧଙ୍କ ମୃତ୍ୟୁର ତଦନ୍ତ ଦାବି କରି ଗ୍ରାମବାସୀ ପୋଲିସ ଗାଡ଼ିକୁ ପ୍ରାୟ ୫ ଘଣ୍ଟା ଅଟକ ରଖିଥିଲେ। ପରେ ପୋଲିସ ମୃତଦେହ ଜବତ କରି ଥାନାକୁ ନେଇଛି। ବୁଧବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡିଛି।

# ବ୍ଲକ କାର୍ଯ୍ୟାଳୟ ଆଗରେ ଗଣଧାରଣା

### ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରେ ଅନିୟମିତତା ଅଭିଯୋଗ

**ନାଉଗାଁ,୨୯।୬(ସ୍ୱ.ପ୍ର.)**

ନାଉଗାଁ ବ୍ଲକ ବାଂଶ ପଞ୍ଚାୟତର ବିଭିନ୍ନ ୱାର୍ଡରେ ହୋଇଥିବା ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରେ ଅନିୟମିତତା ହୋଇଛି। ଏଭଳି ଅଭିଯୋଗ କରି ୧୦ ଓ ୧୧ ନଂ. ୱାର୍ଡର ଜବ୍‌କାର୍ଡଧାରୀମାନେ ମଙ୍ଗଳବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେଇଥିଲେ। ଏ ନେଇ ୭ ଦଫା ଦାବିପତ୍ର ବିଡିଓ ରଶ୍ମିରେଖା ମଲ୍ଲିକଙ୍କୁ ପ୍ରଦାନ କରାଯାଇଛି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ୮ ନଂ. ୱାର୍ଡରେ ଖୋଳା ଯାଇଥିବା ପୋଖରୀ ଓ ୪ ନଂ. ୱାର୍ଡରେ କାଣିଆ ନଈ କାର୍ଯ୍ୟ ମେସିନ ମାଧ୍ୟମରେ କରାଯାଇଛି। ୧୦ ନଂ. ୱାର୍ଡରେ ହୋଇଥିବା ଅଙ୍ଗନୱାଡି କେନ୍ଦ୍ର କାର୍ଯ୍ୟ ଜବ୍‌କାର୍ଡଧାରୀ କରିଥିଲେ। ମାର୍ଚ୍ଚରେ ଉକ୍ତ କାର୍ଯ୍ୟ କରାଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ସେମାନଙ୍କୁ ପାରିଶ୍ରମିକ ମିଳିନାହିଁ। ଅପରପକ୍ଷେ ଜବ୍‌କାର୍ଡକୁ ପଞ୍ଚାୟତର ଜିଆରଏସ୍ ଲଗ୍ନଜିତ ସାହୁ ବଳପୂର୍ବକ ପାଖରେ ରଖିଛନ୍ତି ବୋଲି ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି। ବହୁ ଜବ୍‌କାର୍ଡଧାରୀ କାର୍ଯ୍ୟ ନ କରି ୧୦୦ ଦିନର ମଜୁରି ପାଇଛନ୍ତି। ଏହି ଘଟଣାରେ ବ୍ଲକ କାର୍ଯ୍ୟାଳୟ ଅନ୍ୟ କେତେଜଣ କର୍ମଚାରୀଙ୍କ ସମ୍ପୃକ୍ତି ରହିଛି ବୋଲି ଧାରଣାକାରୀ ଉଲ୍ଲେଖ କରିଛନ୍ତି। ଏହାର ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସେମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ସେମାନେ ୨୧ ଜୁନରେ ବିଡିଓଙ୍କ ନିକଟରେ ଅଭିଯୋଗ କରିବା ସହ ବ୍ଲକ କାର୍ଯ୍ୟାଳୟରେ ଘେରାଉ କରିଥିଲେ ହେଁ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଯିବାରୁ ଗଣଧାରଣାରେ ବସିଛନ୍ତି ବୋଲି କହିଛନ୍ତି। ଏ ନେଇ ବ୍ଲକ ପ୍ରଶାସନ ପକ୍ଷରୁ ବିଡିଓଙ୍କ ପ୍ରତିନିଧି ହିସାବରେ ରୋହିଆ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସୁରେଶ ପାତ୍ର ଓ ଜିଆରଏସ୍ ସଂଘର ବ୍ଲକ ସଭାପତି ସଞ୍ଜୟ ପରିଡା ଧାରଣାରେ ବସିଥିବା ଗ୍ରାମସାଥି ଅରୁଣ ଦାସଙ୍କ ସହ ଆଲୋଚନା କରିଥିଲେ। ବିଡିଓଙ୍କ ହସ୍ତକ୍ଷେପ ପରେ ସମସ୍ୟାର ସମାଧାନ ହୋଇଯାଇଛି। ଜିଆରଏସ୍ ସାହୁଙ୍କୁ ଅନ୍ୟତ୍ର ବଦଳି କରାଯିବା ସହ ୧୨ ଦିନ ମଧ୍ୟରେ ସମସ୍ତ ଦାବି ପୂରଣ ହେବ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଛନ୍ତି।



ନାଉଗାଁ ବ୍ଲକ କାର୍ଯ୍ୟାଳୟ ଆଗରେ ଜବ୍‌କାର୍ଡଧାରୀଙ୍କ ଗଣଧାରଣା।



## 2021 ବର୍ଷ ପାଇଁ ବଣାଇଁ ବନଖଣ୍ଡ ତରଫରୁ ଚାରା ବଣ୍ଟନ ବିଜ୍ଞପ୍ତି/ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ବଣାଇଁ ବନଖଣ୍ଡ ଅଧୀନରେ ନିମ୍ନଲିଖିତ 20 (କୋଡିଏ) ଗୋଟି ଚାରା ଉତ୍ପାଦନ କେନ୍ଦ୍ରରେ ଉନ୍ନତ ମାନର ଶାଗୁଆନ, ଗମ୍ଭାରୀ, ବିଜା, ଜାମୁଁ, ଆମ୍ବ, ନିମ୍ବ, କରଞ୍ଜ, ଅର୍ଜୁନ, ପଣସ, ଅଁଳା, ହରିଡ଼ା, ବାହାଡ଼ା ଇତ୍ୟାଦି ଚାରା ଉପଲବ୍ଧ ଅଛି। ଆଗ୍ରହୀ ବ୍ୟକ୍ତି / ଅନୁଷ୍ଠାନଗୁଡିକ ସରକାରୀ ନିର୍ଦ୍ଧାରିତ ମୂଲ୍ୟରେ ଚାରା ବିକ୍ରୟ କେନ୍ଦ୍ରମାନଙ୍କରୁ ଚାରା ନେଇପାରିବେ। ଜଣପିଛା ସହରାଞ୍ଚଳରେ ସର୍ବାଧିକ 5 (ପାଞ୍ଚ) ଗୋଟି ଓ ଗ୍ରାମାଞ୍ଚଳରେ ସର୍ବାଧିକ 10 (ଦଶ) ଗୋଟି ଚାରା ଦିଆଯିବ। ଜଣେ ବ୍ୟକ୍ତିବିଶେଷଙ୍କୁ ବିତରଣ ଖାତାରେ ନାମ ଲେଖାଇବାକୁ ଯେ କୌଣସି ବୈଧ ପରିଚୟପତ୍ର (ଆଧାର/ ଭୋଟର ପରିଚୟପତ୍ର, ଗାଡ଼ି ଚାଳନା ପରିଚୟ ପତ୍ର) କିମ୍ବା ମୋବାଇଲ ନଂ. ଯାଞ୍ଚ ନିମନ୍ତେ ଦେବାକୁ ପଡିବ। ଏତଦ୍ ବ୍ୟତୀତ ଅନ୍ୟମାନଙ୍କୁ (ଅନୁଷ୍ଠାନ, ଶିଳ୍ପସଂସ୍ଥା ଇତ୍ୟାଦି) ଏକ ସାଦା କାଗଜରେ ନିଜର ସମସ୍ତ ବିବରଣୀ ଯଥା ଚାରା ରୋପଣର ସ୍ଥାନ ଏବଂ ଯୋଗାଯୋଗ ପାଇଁ ମୋବାଇଲ ନଂ. ସହିତ ଦରଖାସ୍ତ କରିବାକୁ ପଡିବ। ନିମ୍ନରେ ଉଲ୍ଲେଖ କରାଯାଇଥିବା ଚାରା ବିକ୍ରୟ କେନ୍ଦ୍ର ପରିଚାଳକମାନଙ୍କୁ ଫୋନ୍ ଦ୍ୱାରା ଯୋଗାଯୋଗ କରିପାରିବେ।

**ବି.ଦ୍ର.: ସର୍ବସାଧାରଣଙ୍କ ପାଇଁ ଚାରା ପ୍ରତି ଟ1/- ଧାର୍ଯ୍ୟ ହୋଇଛି।**

| ଚାରା ବିକ୍ରୟ କେନ୍ଦ୍ରର ନାମ | | ଉପଲବ୍ଧ ଚାରାର ବିବରଣୀ | କେନ୍ଦ୍ର ପରିଚାଳକଙ୍କ ନାମ ଓ ଦୂରଭାଷ ନମ୍ବର |
|---|---|---|---|
| 1 | ବ୍ରାହ୍ମଣୀ ନର୍ସରୀ | ଅଁଳା, ପାଟୁଳି, ବବୁଲ, କରଞ୍ଜ, ଶିରିଶ, ଶିଶୁ, ବାହାଡ଼ା, ହରିଡ଼ା, ବିଜା, ଏମ୍. କୁଇନ୍, ବଉଳ, ଅର୍ଜୁନ, କାଞ୍ଚନ, ବରକୋଳି, ମହାନିମ୍ବ, ମୁଚୁକୁନ୍ଦ, ଜାମୁ, ଛତିଆନ୍, ଖଇର, ତେନ୍ତୁଳି, ଶାଗୁଆନ୍, କଇଁଥ, କୁମକୁମ, ସୁନାରୀ, ପିଜୁଳି, ଦେବଦାରୁ, ଶାଳ | ଶ୍ରୀ ସଦାଶିବ ପାତ୍ର, ବନପାଳ, 8763433100 |
| 2 | ଧରଣୀଧରପାଲି ନର୍ସରୀ | ଜାମୁ, କରଞ୍ଜ, ବାହାଡ଼ା, ଅଁଳା, କଇଁଥ, ଛତିଆନ୍, ମେହଗାନି, ଫଣଫନା, ତେନ୍ତୁଳି, କୁମକୁମ, କାଞ୍ଚନ, ମହୁଲ, ବଉଳ, ନିମ୍ବ, ଦେବଦାରୁ, ବାଉଁଶ, ଶିରିଶ, ପାଟୁଳି, ଓଉ, ପିଜୁଳି, ହରିଡ଼ା, ବାହାଡ଼ା, ମହାନିମ୍ବ, କୃଷ୍ଣଚୂଡା, ଶାଗୁଆନ, ଗମ୍ଭାରି, ଅସନ୍, ବରକୋଳି, ଆମ୍ବ | ଗାୟତ୍ରୀବାଳା ପାତ୍ର, ବନପାଳ, 8895229883 |
| 3 | ଟିକାୟତପାଲି ନର୍ସରୀ | ଅଁଳା, ନିମ୍ବ, ଜାମୁ, ବାଉଁଶ, ଅର୍ଜୁନ, ହରିଡ଼ା, ବାହାଡ଼ା, ବେଲ, କରଞ୍ଜ, ଗମ୍ଭାରି | ଶ୍ରୀ ଦୁଃଖୀଶ୍ୟାମ ଶତପଥୀ, ବନପାଳ, 9371718263 |
| 4 | ଏସ୍.ବଲାଙ୍ଗ ନର୍ସରୀ | ନିମ୍ବ, କରଞ୍ଜ, ବାଉଁଶ, ଫାସି | ଶ୍ରୀ ଜଗନ୍ନାଥ ବେହେରା, ବନରକ୍ଷୀ, 7978308801 |
| 5 | ତେହେରାଇ ନର୍ସରୀ | ଜାମୁ, ସିମାରୁବା, କରଞ୍ଜ, ନିମ୍ବ, ପଣସ, ଶିଶୁ, ତେନ୍ତୁଳି | ଶ୍ରୀ ପ୍ରତାପ ସାହୁ, ବନପାଳ, 7846924621 |
| 6 | ବାଦିବାହାଲ ନର୍ସରୀ | ଶାଗୁଆନ, ଅର୍ଜୁନ, ଶିଶୁ, ବାହାଡ଼ା, ଅଁଳା, ବଉଳ, କରଞ୍ଜ | ଶ୍ରୀ ରଘୁନାଥ ସାହୁ, ବନପାଳ, 9437767675 |
| 7 | କାଉଁନଶିବାହାଲ ନର୍ସରୀ | ଶାଗୁଆନ, କରଞ୍ଜ, ଅସନ୍, ଅଁଳା | ଶ୍ରୀ ପଦୀପ କୁମାର ମିଶ୍ର, ବନପାଳ, 8018931359 |
| 8 | କନସର ନର୍ସରୀ | ଶାଗୁଆନ, ଅଁଳା, ଶୀରିଶ, ଶିଶୁ, ବାହାଡ଼ା, ଆତ, ପିଜୁଳି, କରଞ୍ଜ | ଶ୍ରୀ ଦୁର୍ଯ୍ୟୋଧନ ପ୍ରଧାନ, ବନପାଳ, 9438575596 |
| 9 | କୁଣ୍ଢେଇଡିହା ନର୍ସରୀ | ଶାଗୁଆନ, କରଞ୍ଜ, ରାଧାଚୂଡା, କୃଷ୍ଣଚୂଡା, ଆତ, ପିଜୁଳି, ଜାମୁ, ଅଁଳା | ଶ୍ରୀ ପ୍ରଦୀପ କୁମାର ଭୋଇ, ବନପାଳ, 8280938755 |
| 10 | ଧାତକିପୋଷ ନର୍ସରୀ | ମହୋଗାନି, କରଞ୍ଜ, ସୁନାରୀ, ବିଜା, ଅର୍ଜୁନ, ବାହାଡ଼ା, ଜାମୁ, ହରିଡ଼ା, ଶାଗୁଆନ, କାଠବାଦାମ, ଶାଳ, ନିମ୍ବ, କାଜୁ, ଶିଶୁ, ରକ୍ତଚନ୍ଦନ, ଛତିଆନ୍, ଅଁଳା, ଆତ, ପାଟୁଳି, ପଣସ, ପିଜୁଳି, ବାଉଁଶ | ଶ୍ରୀମତୀ ସ୍ନେହମୟୀ ସାହୁ, ବନପାଳ, 9861336385 |
| 11 | ବନେଇକେଲା ନର୍ସରୀ | ଅର୍ଜୁନ, ଚାକୁଣ୍ଡା, ନିମ୍ବ, କରଞ୍ଜ, ପଣସ, ପିଜୁଳି, ବାଉଁଶ, ଖଇର | ଶ୍ରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ବନପାଳ, 9437414085 |
| 12 | ଗୁରୁଣ୍ଡିଆ ନର୍ସରୀ | ମହୁଲ, ନିମ୍ବ, ପଣସ, କରଞ୍ଜ, ଅଁଳା, ପିଜୁଳି, ତେନ୍ତୁଳି, ଜାମୁ | ଶ୍ରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ବନପାଳ, 9437414085 |
| 13 | ଜାମୁଦର ନର୍ସରୀ | ଜାମୁ, କରଞ୍ଜ, ନିମ୍ବ, କାଞ୍ଚନ, ପଣସ, ମହୁଲ | ଶ୍ରୀ ତାପସ କୁ. ଶତପଥୀ, ବନପାଳ, 9438490662 |
| 14 | ଗଡରୁଆଁ ନର୍ସରୀ | ଜାମୁ, ନିମ୍ବ, ଶିଶୁ, ତେନ୍ତୁଳି, ଗମ୍ଭାରି, ଅଁଳା, ପୁଜୁଳା, ଫଣଫଣା | ଶ୍ରୀ କୈଳାସ ଚନ୍ଦ୍ର କିଷାନ, ବନପାଳ, 8249826257 |
| 15 | ହଳଦିକୁଦର ନର୍ସରୀ | ଶାଗୁଆନ, ଶିଶୁ, ଶିରିଶ, ତେନ୍ତୁଳି, ଅଁଳା, ସଜନା, ଗୁଆ, କୁସୁମ, ବାହାଡ଼ା, ଗମ୍ଭାରି, ଅର୍ଜୁନ, ପିସ୍ତା ବାଦାମ, କରଞ୍ଜ | ଶ୍ରୀ ଡେରୁଲାନନ୍ଦ ଗଡ଼ନାୟକ, ବନପାଳ, 9437862027 |
| 16 | ଡଲେଇସରା ନର୍ସରୀ | ପଣସ, ରାଧାଚୂଡା, ଆମ୍ବ, ସିମାରୁବା, ଅର୍ଜୁନ, ଖଇର, କଇଁଥ, କରଞ୍ଜ, ଶାଗୁଆନ, ଫଣଫଣା, ଅଁଳା, ପିଜୁଳି, କୁସୁମ, ଶିଶୁ,ନିମ୍ବ, ରକ୍ତଚନ୍ଦନ, ସୁନାରୀ, କୁଚିଳା, ବାହାଡ଼ା, ପାହାଡ଼ି ଶିଶୁ, ଶିରିଶ | ଶ୍ରୀ କୈଳାସ ଚନ୍ଦ୍ର କିଷାନ, ବନପାଳ, 8249826257 |
| 17 | ଠାକୁରପାଲି ନର୍ସରୀ | ଆତ, ଅଁଳା, ଅର୍ଜୁନ, ଖଇର, ବଡ଼ଚାକୁଣ୍ଡା, ବାହାଡ଼ା, ବଉଳ, ବେଲ, ବିଜା, ଦେବଦାରୁ, ହରିଡ଼ା, ଗମ୍ଭାରି, ଜାମୁ, କଇଥ, କାଞ୍ଚନ, କରଞ୍ଜ, କୃଷ୍ଣଚୂଡା, ପଣସ, ପିଜୁଳି, ରାଧାଚୂଡା, ସାନଚାକୁଣ୍ଡା, ଶିରିଶ, ଶିଶୁ, ସୁନାରି, ଶାଗୁଆନ, ତେନ୍ତୁଳି | ଶ୍ରୀ ଭୁବନେଶ୍ୱର ରାଏ, ବନପାଳ, 9556165001 |
| 18 | ମହୁଲଡିହି ନର୍ସରୀ | ଆତ, ଶାଗୁଆନ, ବଡ଼ଚାକୁଣ୍ଡା | ଶ୍ରୀ ହରେକୃଷ୍ଣ ସାହୁ, ବନପାଳ, 7751807224 |
| 19 | ପିପଲାକାନି ନର୍ସରୀ | ମହୁଲ, ପଣସ, ଶାଗୁଆନ, ତେନ୍ତୁଳି | ଶ୍ରୀ ପ୍ରତାପ କୁମାର ସାମଲ, ବନପାଳ, 9777410020 |
| 20 | ବାର୍ସୁଆଁ ନର୍ସରୀ | ଅଁଳା, ଅର୍ଜୁନ, ବାଉଁଶ, ଦେବଦାରୁ, ଜାମୁ, କାଞ୍ଚନ, କରଞ୍ଜ, ମହାନିମ, ନିମ୍ବ, ପଣସ, ଶିରିଶ, ଶିଶୁ, ସୁନାରୀ, ଶାଗୁଆନ, ତେନ୍ତୁଳି, ଆମ୍ବ | ଶ୍ରୀ ଚୈତନ୍ୟ ଭୂମିଜ, ବନପାଳ, 9348612842 |

**ଦୟାକରି ଚାରା ପାଇଁ ବଣାଇଁ ବନଖଣ୍ଡର କଣ୍ଟ୍ରୋଲ ରୁମ୍ ନମ୍ବରରେ ଯୋଗାଯୋଗ କରନ୍ତୁ।**

**Control Room No.7077046175 & 6370953774**

ସ୍ୱା./- ବନଖଣ୍ଡ ଅଧିକାରୀ, ବଣାଇଁ ବନଖଣ୍ଡ, ବଣାଇଁଗଡ଼

